# ମୁକ୍ତଶିକ୍ଷାର ପ୍ରଶାସନିକ ବିକେନ୍ଦ୍ରୀକରଣ

ଡ଼ଃ ଦିଲ୍ଲୀପ କୁମାର ନାୟକ

ପାରମ୍ପରିକ ଏକ ସମାନ୍ତରାଳ ଶିକ୍ଷା ପଦ୍ଧତି ଭାବେ ମୁକ୍ତ ଓ ଦୂର ଶିକ୍ଷା ଯଥେଷ୍ଟ ପ୍ରଭାବ ବିସ୍ତାର କରିଛି । ବିଭିନ୍ନ କାରଣରୁ ଶିକ୍ଷା ଲାଭରୁ ବଞ୍ଚିତ ତଥା ନିଜର ବିଦ୍ୟା ଅଧ୍ୟୟନର କ୍ରମ ବୃଦ୍ଧି ସାଧନ ନିମନ୍ତେ ଦୂର ଶିକ୍ଷାର ଅବଦାନ ପୃଥିବୀରେ ସର୍ବତ୍ର ଉପଲବ୍ଧ ହୋଇ ସାରିଲାଣି । କେବଳ ଭାରତରେ ଗୋଟିଏ କେନ୍ଦ୍ରୀୟ ମୁକ୍ତ ବିଦ୍ୟାଳୟ ଏବଂ ୧୪ଟି ରାଜ୍ୟସ୍ତରୀୟ ମୁକ୍ତ ବିଦ୍ୟାଳୟ ସ୍ଥାପିତ ହୋଇପାରିଛି । ଏଥିସହିତ ୪୦୦ରୁ ଊର୍ଦ୍ଧ୍ୱ ଦୂର ଶିକ୍ଷା ପ୍ରଦାନକାରୀ ସଂସ୍ଥା ସେମାନଙ୍କର କାର୍ଯ୍ୟଧାରା ଜାରି ରଖିଛନ୍ତି । ମୂଳକଥାଟି ହେଉଛି ଉଚ୍ଚଶିକ୍ଷା କ୍ଷେତ୍ରରେ ଅନୁପ୍ରବେଶ । ଅଧିକରୁ ଅଧିକ ବିଦ୍ୟାର୍ଥୀଙ୍କର ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରବେଶ ବେଶ୍ ଉତ୍ସାହପ୍ରଦ ।

ଯଦି ଦୂର ଓ ମୁକ୍ତ ଶିକ୍ଷାର ସ୍ୱତନ୍ତ୍ର ଦିଗ କ'ଣ ବୋଲି କେହି ପ୍ରଶ୍ନ କରନ୍ତି, ତା'ହେଲେ ତା'ର ସର୍ବୋତ୍କୃଷ୍ଟ ଉତ୍ତରଟି ହେଉଛି ଏ କ୍ଷେତ୍ରରେ ଜଣେ ବିଦ୍ୟାର୍ଥୀ ନିଶ୍ଚିତ ଭାବରେ ଦକ୍ଷତା ବୃଦ୍ଧିର ବିଭିନ୍ନ ଦିଗ ସହିତ ଉତ୍ତମ ରୂପେ ପରିଚିତ ହୋଇପାରିବ । ତାତ୍ତ୍ୱିକ ବିଦ୍ୟାର କ୍ଷେତ୍ର ଭାବରେ ପାରମ୍ପରିକ ଶିକ୍ଷାର ଯେତିକି ସ୍ୱୀକୃତି ରହିଛି, ଅନୁରୂପ ଭାବରେ ଦକ୍ଷତା ବିକାଶ ନିମନ୍ତେ କାର୍ଯ୍ୟକାରୀ ବିଦ୍ୟାରେ ମୁକ୍ତ ଶିକ୍ଷା କ୍ଷେତ୍ରରେ ସେତିକି ଅବଦାନ ରହିଛି । ଶିକ୍ଷା ଓ ଜ୍ଞାନକୁ ସମୟ ଓ ସମାଜ ଉପଯୋଗୀ କରାଇବା ପାଇଁ ଶିକ୍ଷା କ୍ଷେତ୍ରରେ ସର୍ବଦା ନବୀକରଣ ହୋଇ ଚାଲିଛି । ସେଥିପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ମୌଳିକ ବିଦ୍ୟା କ୍ଷେତ୍ରରେ କାର୍ଯ୍ୟକାରୀ ବିଦ୍ୟା ଦିଗଟିର ବିକାଶ ଏକାନ୍ତ ସମୟୋପଯୋଗୀ ବୋଲି କୁହାଯାଇ ପାରିବ ।

ସତୁରି ଦଶକରେ କର୍ମଜୀବୀମାନଙ୍କର ଶିକ୍ଷା କ୍ଷେତ୍ରରେ ଉଚ୍ଚାକାଂକ୍ଷା ପୂରଣ ନିମନ୍ତେ ସାନ୍ଧ୍ୟ ମହାବିଦ୍ୟାଳୟମାନଙ୍କର ଆବିର୍ଭାବ ଦେଖିବାକୁ ମିଳିଥିଲା । ଅନ୍ୟୂନ ୧୫/୨୦ ବର୍ଷ ଯାଏଁ ଏ ଧାରା ଚାଲୁ ରହିବା ପରେ ଏ ସବୁର ସ୍ଥାନ ଗ୍ରହଣ କଲା ଦୂରଶିକ୍ଷା । ଦୂର ଓ ନିରନ୍ତର ଶିକ୍ଷା ମାଧ୍ୟମରେ ଦେଶର ମୋଟ ନାମଲେଖା ହାର ନିଶ୍ଚିତ ଭାବରେ ବୃଦ୍ଧି ପାଇଲା ସତ ମାତ୍ର କୌଣସି ନିର୍ଦ୍ଦିଷ୍ଟ ସମୟସୀମା, ଶିକ୍ଷାଗତ ଯୋଗ୍ୟତାର ସୀମା ମଧ୍ୟରେ ଆବଦ୍ଧ ହେବାକୁ ଚାହୁଁ ନ ଥିବା ମୁକ୍ତ ପଠନ ଆକାଂକ୍ଷାରୁ ଜନ୍ମ ନେଲା ଏକ ସର୍ବାଧୁନିକ ଶିକ୍ଷା ପଦ୍ଧତି, ଯାହାକୁ ଆମେ ଆଜି ମୁକ୍ତ ଓ ଦୂର ଶିକ୍ଷା ଭାବରେ ଅଭିହିତ କରୁଛେ । ଏଠାରେ ପାରମ୍ପରିକ ଶିକ୍ଷାର ପୁନରୁକ୍ତି ଦେଖିବାକୁ ମିଳିବ ନାହିଁ । ପ୍ରତିଟି ପାଠ୍ୟକ୍ରମରେ କାର୍ଯ୍ୟ କୁଶଳତା ପ୍ରଦର୍ଶନ କରିବା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ଉପଲବ୍ଧ ହୋଇପାରିବ ।

ସଂପ୍ରତି ଏକ ଉଲ୍ଲେଖନୀୟ ବିଷୟ ଦେଖିବାକୁ ମିଳୁଛି ଯେଉଁଠି ପୂର୍ବଭଳି ଗୃହିଣୀ, କର୍ମଜୀବୀ, ବ୍ୟବସାୟୀମାନଙ୍କ ସହିତ ବହୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଆଗ୍ରହର ସହିତ ନିଜର ନିୟମିତ ପଢ଼ା ସହିତ ଏ ସବୁ ଶିକ୍ଷାକୁ ଅତିରିକ୍ତ ଶିକ୍ଷା ଭାବରେ ଗ୍ରହଣ କରିଛନ୍ତି । ପାରମ୍ପରିକ ଶିକ୍ଷା ଯେ ଯଥେଷ୍ଟ ନୁହେଁ, ପ୍ରକାରାନ୍ତରେ ଶିକ୍ଷା ଗ୍ରହଣ ସହିତ ଆଉ ଗୋଟିଏ ଦୁଇଟି ପାଠ୍ୟକ୍ରମର ସମାନ୍ତରାଳ ଅତିରିକ୍ତ ଫାଇଦା ନେବାର ଆଶା ପୋଷଣ କଲେଣି ବିଦ୍ୟାର୍ଥୀଗଣ । ଯାହାକୁ ଇଂରାଜୀରେ ଆଡ୍-ଅନ୍ ଶିକ୍ଷା ଭାବରେ ବିବେଚନା କରାଯାଇଛି ।

ଯେଉଁ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଏ ପ୍ରକାରର ଶିକ୍ଷା ପ୍ରବର୍ତ୍ତନର ସୁବିଧା ରହିଛି, ସେସବୁ ଶିକ୍ଷାନୁଷ୍ଠାନମାନେ ନ୍ୟାକ୍ ପରିଦର୍ଶନକାରୀଙ୍କ ଠାରୁ ଅଧିକ ମୂଲ୍ୟାୟନ ପାଇବାର ବ୍ୟବସ୍ଥା ମଧ୍ୟ ରହିଛି । ଯେତେବେଳେ କୌଣସି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ବହୁଳ ସଂଖ୍ୟାରେ ଏଇ ଆଡ୍-ଅନ୍ (ଅତିରିକ୍ତ) ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହେବେ ସେତେବେଳେ ବେରୋଜଗାରୀ କମିବ । ଜାତୀୟ ହାର ବଢ଼ିବ । ମୁଣ୍ଡ ପିଛା ଆୟ ବଢ଼ିବ । ଆନ୍ତର୍ଜାତୀୟ କ୍ଷେତ୍ରରେ ଆମ ଭାରତର ମାନବୃଦ୍ଧି ହେବ । ଏଇ ସମନ୍ୱିତ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଯେଉଁ ଅନୁଷ୍ଠାନ ଯେତିକି ବୁଝିବେ ସେଠାକାର ଛାତ୍ରମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଦୃଷ୍ଟିରୁ ସେତିକି ଲାଭବାନ ହେବେ ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ୨୦୧୬-୧୭ ଶିକ୍ଷା ବର୍ଷରେ ୧୧ଟି ଡିପ୍ଲୋମା, ତିନୋଟି ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଦାନର ବ୍ୟବସ୍ଥା ରହିଛି । ପ୍ରତିଟି ବିଷୟରେ ପ୍ରଗତି ହାସଲ କରିବା ନିମନ୍ତେ ସପ୍ତାହାନ୍ତ ରବିବାରର ଅଧ୍ୟୟନ କେନ୍ଦ୍ରମାନଙ୍କରେ ଉଚ୍ଚମାନର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଦ୍ୱାରା ଆଗ୍ରହୀ ଜିଜ୍ଞାସୁ ବିଦ୍ୟାର୍ଥୀମାନଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଉଛି । ଏଥି ସହିତ ଯେଉଁ ସବୁ ବିଷୟମାନଙ୍କର ପ୍ରାୟୋଗିକ କ୍ଷେତ୍ରରେ ଶିକ୍ଷାଦାନର ଆବଶ୍ୟକତା ରହିଛି ସେସବୁ ବିଷୟ ନିମିତ୍ତ ଆନୁସଙ୍ଗିକ ସୁବ୍ୟବସ୍ଥା ମଧ୍ୟ କରାଯାଉଛି । କାର୍ଯ୍ୟ ଦକ୍ଷତା ବୃଦ୍ଧି ମାଧ୍ୟମରେ ରୋଜଗାରର ସୁଯୋଗ ପ୍ରଦାନ ଅନ୍ତିମ ଲକ୍ଷ୍ୟ । ସେଇ ଲକ୍ଷ୍ୟକୁ ଚରିତାର୍ଥ କରିବା ପାଇଁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ୩୨ଟି ଅଧ୍ୟୟନ କେନ୍ଦ୍ରରେ ତାତ୍ତ୍ୱିକ ଏବଂ ପ୍ରାୟୋଗିକ ଦିଗରୁ ଶିକ୍ଷା ପରାମର୍ଶ ପ୍ରଦାନ କରି ଆସୁଛି ।

ବିଶ୍ୱବିଦ୍ୟାଳୟର ମୂଳ ଲକ୍ଷ୍ୟ ସାଧନ ନିମନ୍ତେ ପ୍ରଶାସନିକ ବିକେନ୍ଦ୍ରୀକରଣ ଜରୁରୀ । ନାମ ଲେଖା ଠାରୁ ଆରମ୍ଭ କରି ଶିକ୍ଷଣ ଉପକରଣ ପ୍ରସ୍ତୁତି, ଶିକ୍ଷା ପ୍ରଦାନ, ପରୀକ୍ଷା ମୂଲ୍ୟାୟନ ସର୍ବୋପରି ନିଯୁକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସହାୟତା ପ୍ରଦାନ କରିବାକୁ ହେଲେ ଶିକ୍ଷକ, ପ୍ରଶାସନିକ ଅଧିକାରୀ ତଥା ଏଥିସହିତ ସଂପୃକ୍ତ ସମସ୍ତ ଭାଗୀଦାରମାନଙ୍କୁ ଟିକିଏ ଅଧିକ ସୁଯୋଗ ଆବଶ୍ୟକ । ନୀତି ନିୟମର ପରିଧି ଭିତରେ ଥାଇ ବିଦ୍ୟାର୍ଥୀ ତଥା ଅନ୍ୟାନ୍ୟ ଭାଗୀଦାରମାନଙ୍କର ସ୍ୱାର୍ଥ ସୁରକ୍ଷା ବିଶ୍ୱବିଦ୍ୟାଳୟର ଅନ୍ୟତମ ଦାୟିତ୍ୱ ହୋଇଥିବାରୁ ଅଧିକରୁ ଅଧିକ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ତା'ର ଅନ୍ୟତମ ଲକ୍ଷ୍ୟ ।

ଗୁଣାତ୍ମକ ଦିଗ ସବୁବେଳେ ପ୍ରତିଶ୍ରୁତିକୁ ଅନୁସରଣ କରିଥାଏ । ତେଣୁ ବିଶ୍ୱବିଦ୍ୟାଳୟ ପୂର୍ବ ଘୋଷିତ ନୀତି ଅନୁସାରେ ସମଗ୍ର ଓଡ଼ିଶାରେ ସ୍ଥାପିତ ହେବାକୁ ଥିବା ୫ଟି ଆଞ୍ଚଳିକ କେନ୍ଦ୍ର ମଧ୍ୟରୁ ଭୁବନେଶ୍ୱର ପରେ ବ୍ରହ୍ମପୁର ଦ୍ୱିତୀୟ କେନ୍ଦ୍ରର ମାନ୍ୟତା ପ୍ରାପ୍ତ ହେଲା । ଏହିଠାରୁ ଦକ୍ଷିଣ ଓଡ଼ିଶା ଅଧ୍ୟୟନ କେନ୍ଦ୍ର ସମୂହ ସମସ୍ତ ପ୍ରକାରର ସହଯୋଗିତା ପ୍ରାପ୍ତ ହେବେ ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଦକ୍ଷତା ନିଶ୍ଚିତ ଭାବରେ ବୃଦ୍ଧି ପାଇବ । ପ୍ରତିଟି ବିଦ୍ୟାର୍ଥୀ ପ୍ରତ୍ୟକ୍ଷ ଭାବରେ ବିଶ୍ୱବିଦ୍ୟାଳୟ ସହିତ ସଂପୃକ୍ତ ହୋଇପାରିବ । ନାମ ଲେଖାଠୁଁ ଆରମ୍ଭ କରି ନାମ ଲେଖା ପରେ ଏପରିକି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ପରେ ସୁଦ୍ଧା ଯେକୌଣସି ପରାମର୍ଶ ପ୍ରଦାନ ଏସବୁ ଆଞ୍ଚଳିକ କେନ୍ଦ୍ରମାନଙ୍କ ମାଧ୍ୟମରେ କରାଯାଇ ପାରିବ । ୱେବ୍‌ସାଇଟ୍‌ର ସଦୁପଯୋଗ ଦ୍ୱାରା ଅନ୍ ଲାଇନ ମୋବାଇଲ ଏସ୍.ଏମ୍.ଏସ୍ ତଥା ଅନ୍ୟାନ୍ୟ ବୈଦ୍ୟୁତିକ ଏବଂ ପାରମ୍ପରିକ ସମ୍ପର୍କ ମାଧ୍ୟମରେ ସମସ୍ତ ପ୍ରକାର ଯୋଗାଯୋଗ ସର୍ବଦା ଉପଲବ୍ଧ ହେଉଥିଲେ ହେଁ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟର ଗୁରୁତ୍ୱ ସବୁବେଳେ ରହି ଆସିଛି । ସେହି ଦୃଷ୍ଟିରୁ ବ୍ରହ୍ମପୁର ଆଞ୍ଚଳିକ କେନ୍ଦ୍ର ନିଶ୍ଚିତ ଭାବରେ ବିଦ୍ୟାର୍ଥୀଙ୍କ ଅନେକ ଆବଶ୍ୟକତା ପୂରଣ କରିପାରିବ ।

ଭାରପ୍ରାପ୍ତ ଅଧିକାରୀ, ଆଞ୍ଚଳିକ କେନ୍ଦ୍ର,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର,
ମୋ-୯୪୩୭୯୦୧୬୮